## ସଂକ୍ଷେପରେ

### ପୋଖରୀରେ ବୁଡ଼ି ୨ ଶିଶୁ ମୃତ

**ବାସୁଦେବପୁର,୧।୧୧(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ପାରାପୋଖରୀ ଓ ତିହିଡ଼ି ବ୍ଲକର ଏକଡ଼ାଳ ଗ୍ରାମରେ ରବିବାର ପୋଖରୀରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ ହୋଇଛି। ପାରାପୋଖରୀ ଗ୍ରାମର ସୂର୍ଯ୍ୟକାନ୍ତ ବଳଙ୍କ ଝିଅ ଉର୍ବିରାଣୀ (୩) ନିଜ ମାମୁଁଘର ପଞ୍ଚଟିକ୍ରି ଗ୍ରାମକୁ ଯାଇଥିବା ବେଳେ ଅପରାହ୍ନରେ ପୋଖରୀରେ ବୁଡ଼ି ଯାଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନା ଅଣାଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିଭଳି ତିହିଡ଼ି ବ୍ଲକ ଏକଡାଳ ଗ୍ରାମର ସୁବାସ ମଲିକଙ୍କ ପୁଅ ହରେକୃଷ୍ଣ (୮) ଶୌଚ ହେବାକୁ ଯାଇଥିବା ବେଳେ ପୋଖରୀରେ ବୁଡ଼ି ପ୍ରାଣ ହରାଇଥିଲେ। ଦୁଇ ଶିଶୁଙ୍କ ମୃତଦେହ ବାସୁଦେବପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ ପାଇଁ ରଖାଯାଇଛି।

### ଦମ୍ପତିଙ୍କ ଠାରୁ ଲୁଟ୍ ଉଦ୍ୟମ ବିଫଳ

**ଭଣ୍ଡାରିପୋଖରୀ, ୧।୧୧(ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଡାହାଲା ଛକଠାରେ ଦମ୍ପତିଙ୍କଠାରୁ ଲୁଟ ଉଦ୍ୟମ ବିଫଳ ହୋଇଛି। ଯାଜପୁର ଜିଲା ବରୁହଁ ଅଞ୍ଚଳର ସବିତା ଦାସ ତାଙ୍କ ସ୍ୱାମୀ ଅଜୟଙ୍କ ସହିତ ମୋଟର ସାଇକେଲରେ ବାପ ଘର ନଳାଙ୍ଗ ଅଞ୍ଚଳକୁ ଯାଉଥିଲେ। ଡାହାଲା ଛକଠାରେ ଅନ୍ୟ ୨ଟି ବାଇକ୍‌ରେ ୩ଜଣ ଆସି ଉକ୍ତ ଦମ୍ପତିଙ୍କୁ ମାରଧର କରି ତାଙ୍କଠାରୁ ଟଙ୍କା ଓ ସୁନା ଅଳଙ୍କାର ଛଡ଼ାଇବା ପାଇଁ ମଧ ଉଦ୍ୟମ କରିଥିଲେ। ପାଟିତୁଣ୍ଡ ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଯିବାରୁ ଲୁଟ ଉଦ୍ୟମ କରିଥିବା ୩ ବ୍ୟକ୍ତି ଫେରାର ହୋଇଯାଇଥିଲେ। ସବିତାଙ୍କ ଅଭିଯୋଗକୁ ଭିତ୍ତିକରି ଭଣ୍ଡାରିପୋଖରୀ ଥାନା ପୋଲିସ ଏକ ମାମଲା(ନଂ.୨୧୯/୨୦)ରୁଜୁ କରି ତଦନ୍ତ ଜାରି ରଖିଛି।

### ହାତୀପଲ ଉପଦ୍ରବରେ ଫସଲ ନଷ୍ଟ

**କେନ୍ଦୁଝର, ୧।୧୧(ସ୍ୱ.ପ୍ର.):** କେନ୍ଦୁଝର ସଦର ରେଞ୍ଜ ଅନ୍ତର୍ଗତ ମଇଦାନକେଲ ପଞ୍ଚାୟତର କେରୀ ଓ ଆଖପାଖ ଗ୍ରାମରେ ହାତୀପଲ ଉପଦ୍ରବ ଚଳାଇଥିବାରୁ ଲୋକମାନେ ଆତଙ୍କିତ ହୋଇପଡିଛନ୍ତି। ହାତୀପଲ ବିଲରେ ପଶି ପାଚିଲା ଧାନ ଖାଇବା ସହ ବହୁ ମାତ୍ରାରେ ନଷ୍ଟ କରୁଥିବାରୁ ଲୋକମାନେ ସେମାନଙ୍କୁ ଘଉଡାଇବାକୁ ଲାଗିଛନ୍ତି। ଫଳରେ ହାତୀପଲ ଏଣେ ତେଣେ ଧାଉଁଥିବା ବେଳେ ଆଖପାଖ ଅଞ୍ଚଳର ଲୋକମାନେ ଭୟ ଓ ଆତଙ୍କ ମଧରେ ରହୁଛନ୍ତି। ବନବିଭାଗ କର୍ମଚାରୀ ପହଞ୍ଚି ହାତୀଙ୍କୁ ବିଲ ତଥା ଜନବସତି ଅଞ୍ଚଳରୁ ଜଙ୍ଗଲକୁ ଘଉଡାଇବାକୁ ଉଦ୍ୟମ ଚଳାଇଥିଲେ ହେଁ ନୟାନ୍ତ ହୋଇପଡିଛନ୍ତି। ୧୩ ଟିକିଆ ହାତୀ ପଲ ଝାଡ଼ଖଣ୍ଡରୁ ଆସି କିଛିଦିନ ହେଲା ବିଭିନ୍ନ ଅଞ୍ଚଳରେ ଉପଦ୍ରବ ଚଳାଇଥିବା ବେଳେ ଭୟରେ ଚାଷୀମାନେ ଅମଳ ପୂର୍ବରୁ କଞ୍ଚା ଧାନ କାଟି ନେଇଯାଉଥିବା ଜଣାପଡିଛି । ଧାନ ପାଚିବା ସମୟ ହୋଇଥିବାରୁ ପ୍ରତ୍ୟେକ ବର୍ଷ ହାତୀପଲ ଜିଲାକୁ ଆସି ଉପଦ୍ରବ ଚଳାଇ ବ୍ୟାପକ ଫସଲ ଓ ଧନଜୀବନ ହାନି ଘଟାଇଥାନ୍ତି। ଏଣୁ ଏନେଇ ପ୍ରତିକାର ଗ୍ରହଣ କରିବା ଓ ଧନଜୀବନର ସୁରକ୍ଷା କରିବା ସହ କ୍ଷତିପୂରଣ ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

# ମନ୍ଦିର ବନ୍ଦ ମନ ଭାଙ୍ଗିଲା

**ଢେଙ୍କାନାଳ ଅଫିସ, ୧।୧୧**



- ଆଜି କାର୍ତ୍ତିକ ପ୍ରଥମ ସୋମବାର
- ମିଳିବନି ଶ୍ରୀଚନ୍ଦ୍ରଶେଖରଙ୍କ ଦର୍ଶନ
- ହବିଷିଆଳି ନିରାଶ, ବ୍ରତରେ ସମସ୍ୟା

ଆରମ୍ଭ ହୋଇଛି ଧର୍ମମାସ କାର୍ତ୍ତିକ। କାର୍ତ୍ତିକ ସୋମବାରରେ ଶିବଦର୍ଶନ କଲେ ମହାଦେବଙ୍କ ଅପାର କରୁଣା ମିଳେ ବୋଲି କାହିଁ କେଉଁ କାଳରୁ ବିଶ୍ୱାସ ରହିଛି। ହେଲେ ଚଳିତବର୍ଷ କରୋନା ଭକ୍ତ-ଭଗବାନଙ୍କ ମଧରେ ଦୂରତା ସୃଷ୍ଟି କରିଛି। ସଂକ୍ରମଣ ଭୟରେ ମଠ, ମନ୍ଦିରରେ ସାଧାରଣଙ୍କ ଦର୍ଶନ ଉପରେ କଟକଣା ଲାଗିଥିବାବେଳେ ପୀଠରେ କାର୍ତ୍ତିକ ବ୍ରତ ପାଳନ କରିବାରୁ ବଞ୍ଚିତ ହୋଇଛନ୍ତି ଶ୍ରଦ୍ଧାଳୁ। କାର୍ତ୍ତିକ ମାସରେ ଶିବ ଦର୍ଶନ କରି ନ ପାରିବା ମାନସିକଧାରୀଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଥିବାବେଳେ ଭାଙ୍ଗିଯାଇଛି ବ୍ରତଧାରୀଙ୍କ ମନ।

ଢେଙ୍କାନାଳର ମନ୍ଦିର ପର୍ଯ୍ୟଟନରେ କପିଳାସ ଶୈବପୀଠର ସ୍ଥାନ ସ୍ୱତନ୍ତ୍ର। ବର୍ଷତମାମ ଏଠାକୁ ଭକ୍ତଙ୍କ ସମାଗମ ହେଉଥିଲେ ମଧ ଶ୍ରାବଣ କାଉଡ଼ିଯାତ୍ରା ଏବଂ କାର୍ତ୍ତିକରେ ଅସମ୍ଭାଳ ଭିଡ଼ ହୋଇଥାଏ। ବିଶେଷ କରି କାର୍ତ୍ତିକ ସୋମବାରରେ ଜିଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ମାନସିକଧାରୀମାନେ ଏଠାକୁ ଆସି ଶ୍ରୀଚନ୍ଦ୍ରଶେଖରଜୀଉଙ୍କ ଦର୍ଶନ କରିଥାନ୍ତି। ପୁରୀ ଯିବାକୁ ସାମର୍ଥ୍ୟ ନ ଥିବା ହବିଷିଆଳିମାନେ ଶୈବପୀଠ ସମେତ ଆଖପାଖ ମନ୍ଦିରରେ ବ୍ରତ ପାଳନ କରିଥାନ୍ତି। ହେଲେ ଚଳିତବର୍ଷ କରୋନା ସଂକ୍ରମଣ ଭୟରୁ ୭ମାସ ହେଲା ସରକାରୀ ନିର୍ଦ୍ଦେଶ ଅନୁଯାୟୀ ସର୍ବସାଧାରଣଙ୍କ ଲାଗି ମନ୍ଦିର ଦର୍ଶନ ବନ୍ଦ ରହିଛି। ଏପରି କି ପ୍ରସାଦ ମଧ ବାହାରି ପାରୁନାହିଁ। ତେଣୁ ବ୍ରତଧାରୀମାନେ କିଭଳି ଠାକୁର ଦର୍ଶନ କରିବେ ଏବଂ ପ୍ରସାଦ ପାଇବେ ତାହାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। କେବଳ କପିଳାସ ନୁହେଁ, ଜିଲାର ସମସ୍ତ ଶୈବପୀଠ ସମେତ ପ୍ରସିଦ୍ଧ ବଳରାମ ମନ୍ଦିର, ଜଗନ୍ନାଥ ମନ୍ଦିରରେ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ନଭେମ୍ବରରୁ ମନ୍ଦିର ଖୋଲିବା ନେଇ ସରକାର ସ୍ଥାନୀୟ ପ୍ରଶାସନ ଉପରେ ନିଷ୍ପତ୍ତି ଛାଡ଼ିଛନ୍ତି। ହେଲେ ଏବେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ସରକାରୀ କଟକଣା ବଳବତ୍ତର ରହିବ ବୋଲି ମନ୍ଦିର ପରିଚାଳନା କମିଟିଗୁଡ଼ିକ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅନ୍ୟପଟେ କଟକଣା ଜଗିବାକୁ ପୀଠରେ ପୋଲିସ ମୁତୟନ କରାଯାଇଛି।

### ଭକ୍ତଙ୍କ ଭାବାବେଗକୁ ଆଘାତ ଲାଗିଛି



କାର୍ତ୍ତିକ ମାସରେ ଶ୍ରଦ୍ଧାଳୁଙ୍କ ମଧରେ ଥିବା ଆଧାତ୍ମିକ ଭାବାବେଗକୁ କରୋନା ପାଇଁ ଆଘାତ ଲାଗିଛି। ଦେବଦେବୀ ପୀଠ ବନ୍ଦ ଥିବାରୁ ପ୍ରଥମ ସୋମବାର ଶ୍ରଦ୍ଧାଳୁମାନେ ଦିଅଁ ଦର୍ଶନରୁ ବଞ୍ଚିତ ହେବେ। ସୁସ୍ଥ ଜୀବନ ପାଇଁ ସମସ୍ତେ କଟକଣାକୁ ପାଳନ କରିବା ଜରୁରୀ।

–ଅବନୀ ମିଶ୍ର, ପ୍ରବାଚକ

### ହବିଷିଆଳି, ବ୍ରତଧାରୀଙ୍କ ସମସ୍ୟା ବଢ଼ିଛି



କାର୍ତ୍ତିକରେ ଶିବାଳୟ ବନ୍ଦ ରହିବା ଭକ୍ତଙ୍କୁ ନିରାଶ କରିଛି। ଧର୍ମମାସରେ ମନ୍ଦିରକୁ ଯାଇ ଶିବ ଉପାସନା କରିବା ପରମ୍ପରା ରହିଛି। କିନ୍ତୁ କରୋନା କଟକଣା ଯୋଗୁ ମନ୍ଦିର ବନ୍ଦ ରହିଛି। ଏହାକୁ ନେଇ ହବିଷିଆଳି, ବ୍ରତଧାରୀ ସମସ୍ୟାରେ ପଡ଼ିଛନ୍ତି।

–ଦୀପାଞ୍ଜଳି ବେହେରା, ଗୃହିଣୀ

# ଯୁବକଙ୍କ ମୃତ୍ୟୁରୁ ତୁମୁଳକାଣ୍ଡ



ଜିଲା ଚିକିତ୍ସାଳୟରେ ମୃତକଙ୍କ ସମ୍ପର୍କୀୟମାନେ ହୋହଲ୍ଲା କରୁଛନ୍ତି।

**ଢେଙ୍କାନାଳ ଅଫିସ, ୧।୧୧**

- ଜିଲା ଚିକିତ୍ସାଳୟରେ ଉତ୍ତେଜନା
- ଭଙ୍ଗାରୁଜା, ଡାକ୍ତରଙ୍କୁ ମାଡ଼

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ସନ୍ଧ୍ୟା ୫ଟା ୪୫ରେ ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ତୁମୁଳକାଣ୍ଡ ଘଟିଛି। ମୃତକଙ୍କ ସମ୍ପର୍କୀୟ ଓପିଡିରେ ଭଙ୍ଗାରୁଜା କରିବା ସହ ଦାୟିତ୍ୱରେ ଥିବା ଡାକ୍ତର ତୁଷାରକାନ୍ତ ରଥଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଟାଉନ ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ଜାରି ରଖିଛି। ଖବର ଲେଖାଯିବା ସୁଦ୍ଧା ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବା ଜଣାପଡ଼ିଛି।

ଖମାର ବିଲସାହି ଅଞ୍ଚଳର ନରେନ୍ଦ୍ର ନାଏକ (୨୮)ଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପରିବାର ଲୋକେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ଯୁବକଙ୍କ ସମ୍ପର୍କୀୟ ସହଜରେ ଗ୍ରହଣ କରିପାରି ନ ଥିଲେ। ଡାକ୍ତର ରୋଗୀଙ୍କୁ ଠିକ୍ ଭାବେ ଦେଖି ନ ଥିବା କହି ହୋହଲ୍ଲା କରିଥିଲେ। ଚେୟାର, ବ୍ଲଡପ୍ରେସର ମେଶିନ ସହ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଭଙ୍ଗାରୁଜା କରିଥିଲେ। ସୂଚନାପାଇ ଟାଉନ ଥାନା ଅଧିକାରୀ ସଦଳବଳ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲେ। ଆକ୍ରମଣର ଶିକାର ଡାକ୍ତର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

**CENTRAL INSTRUMENTATION FACILITY**
**ODISHA UNIVERSITY OF AGRICULTURE AND TECHNOLOGY,**
**BHUBANESWAR-751003**
Email : cifouat@gmail.com, clabouat@gmail.com
Telephone : 0674-2562360 Website : www.ouat.nic.in

No: 74/CIF/OUAT/2020 Dated : 29.10.2020

Walk in interview is to be held on **11th November 2020 at 10 a.m.** for contractual engagement of two posts of young professionals at the Central Instrumentation Facility of OUAT, Bhubneswar. The details regarding essential/ desirable qualifications, age, amount of emoluments, date, time and venue, etc. and other terms and conditions are available in the **OUAT website - www.ouat.nic.in .**

Sd/-
OFFICER IN CHARGE

# ଅବକାରୀ କର୍ମଚାରୀ ଅଟକ



ଅବକାରୀ ବିଭାଗ ଗାଡ଼ିକୁ ଗ୍ରାମବାସୀ ଅଟକାଇଛନ୍ତି।

**କାମାକ୍ଷାନଗର, ୧।୧୧(ଡି.ଏନ.ଏ.)**

- ଖରଖରି ଗ୍ରାମରେ ଚଢ଼ାଉବେଳେ ଅପ୍ରୀତିକର ପରିସ୍ଥିତି
- ଘର ଭାଙ୍ଗିଦେଇଥିବା ଅଭିଯୋଗ
- ବିପୁଳ ମଦରନ୍ଧା ସାମଗ୍ରୀ ଜବତ

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ମରୁଆବିଲି ପଞ୍ଚାୟତ ଅଧୀନ ଖରଖରି ଗ୍ରାମରେ ରବିବାର ଅବକାରୀ ଚଢ଼ାଉ ବେଳେ ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମବାସୀ ଅବକାରୀ ବିଭାଗ କର୍ମଚାରୀଙ୍କୁ ଅଟକ ରଖିଥିଲେ। ଏପରି କି ସେମାନଙ୍କ ଘର ଭାଙ୍ଗି ଦେଇଥିବା ଅଭିଯୋଗ କରିଥିଲେ। ସୂଚନା ପାଇ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହ ଅଟକ କର୍ମଚାରୀଙ୍କୁ ଉଦ୍ଧାର କରିଥିଲା। ଅପରପକ୍ଷେ ଘଟଣାସ୍ଥଳରୁ ବିପୁଳ ପରିମାଣର ମଦ ଏବଂ ମଦରନ୍ଧା ସାମଗ୍ରୀ ଜବତ କରାଯାଇଥିବାବେଳେ ଗିରଫ ଭୟରେ ଗ୍ରାମବାସୀ ଆଇନ ହାତକୁ ନେଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

ଖରଖରି ଗ୍ରାମରେ ବେଆଇନ ମଦ କାରବାର ଚାଲିଥିବା ଗୋଇନ୍ଦା ସୂଚନା ମିଳିବା ପରେ ଜିଲା ମୋବାଇଲ ସ୍ପେଶାଲ ସ୍କ୍ୱାଡ୍, କାମାକ୍ଷାନଗର ଅବକାରୀ ବିଭାଗ ଇନ୍ସପେକ୍ଟର ସମୀର ମହାନ୍ତି, ଏସ୍ଆଇ ମାନସୀ ସାହୁ ସଦଳବଳ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ମଦରନ୍ଧାରେ ବ୍ୟବହୃତ ସାମଗ୍ରୀ, ପୋଚ ସମେତ ବହୁ ପ୍ଲାଷ୍ଟିକ୍ ବ୍ୟାରେଲ ଜବତ ହୋଇଥିଲା। ଏହି ସମୟରେ ଗ୍ରାମବାସୀ ଅବକାରୀ ବିଭାଗ କର୍ମଚାରୀଙ୍କୁ ଘେରିଯିବା ସହ ଗାଡ଼ି ଅଟକ ରଖିଥିଲେ। ଘର ମୁରବି ନ ଥିବାବେଳେ ଚଢ଼ାଉ କରି କର୍ମଚାରୀମାନେ ଘର ଭାଙ୍ଗି ଦେଇଥିବା ସେମାନେ ଅଭିଯୋଗ ଆଣିଥିଲେ। ଏହାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନାପାଇ କଙ୍କଡ଼ାହାଡ଼ ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଅଧିକାରୀ ଏବଂ କର୍ମଚାରୀଙ୍କୁ ମୁକୁଳାଇଥିଲା।

ଏ ନେଇ ଭାରପ୍ରାପ୍ତ ଥାନାଧିକାରୀ ଆଶିଷ କୁମାର ଜେନା କୁହନ୍ତି, ଅବକାରୀ ବିଭାଗ ଚଢ଼ାଉ କରିବାରୁ ଗିରଫ ଭୟରେ କେତେଜଣ ଗ୍ରାମବାସୀ ଅଶାନ୍ତି ସୃଷ୍ଟି କରିଥିଲେ। ସୂଚନା ମିଳିବା ପରେ ଗ୍ରାମରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରାଯିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ତେବେ ଗ୍ରାମବାସୀଙ୍କ ପକ୍ଷରୁ ଘରଭଙ୍ଗା ଯିବା ନେଇ ବିଧିବଦ୍ଧ ଭାବେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସେ ସୂଚନା ଦେଇଛନ୍ତି।

# ଜାଲ୍ ନୋଟ୍ ର୍ୟାକେଟ୍ ଠାବ

**ବାସୁଦେବପୁର/ ପଦ୍ମପୁର, ୧।୧୧(ଡି.ଏନ୍.ଏ.)**

ଭଦ୍ରକ ଜିଲା ଅଧୀନ ଜାତୀୟ ରାଜପଥ ନଳାଙ୍ଗ ଛକଠାରୁ ବାସୁଦେବପୁର ପୋଲିସ ନକଲି ନୋଟ୍ କାରବାରରେ ସମ୍ପୃକ୍ତ ର୍ୟାକେଟ୍‌କୁ ଶନିବାର ସନ୍ଧ୍ୟାରେ ଧରିବାରେ ସଫଳ ହୋଇଛି। ଏହି ଘଟଣାରେ ୨ ଜଣ ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ୪୧,୨୦୦ ନକଲି ଓ ୭୨,୦୦୦ ଟଙ୍କାର ଅସଲି ନୋଟ୍, ଏକ କାର୍ (ନଂ. ଓଡ଼ି ୦୫ ଏଇ ୧୮୩୫), ୩ଟି ମୋବାଇଲ ଜବତ ହୋଇଛି। ଗିରଫ ବ୍ୟକ୍ତି ଦ୍ୱୟ ହେଲେ ମାହାଙ୍ଗା ଥାନା ଅଧୀନ କଉଡ଼କୋଲ ଗ୍ରାମର ପ୍ରିୟ ନାୟକ ଓ ଡେରାବିଶ ଥାନା ଅଧୀନ ଶ୍ୟାମସୁନ୍ଦରପୁର ଗ୍ରାମର ବିଜୟ ଦାସ।

ପୋଲିସ ସୂଚନା ଅନୁଯାୟୀ, କେତେଜଣ ବ୍ୟକ୍ତି ବାସୁଦେବପୁର ମିର୍ଜାପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ ଜାଲ୍ ନୋଟ୍ କାରବାର ସମ୍ପର୍କରେ ଫୋନ୍‌ରେ କଥା ହୋଇଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ବ୍ୟକ୍ତି ତାଙ୍କର ଜଣେ ପରିଚିତ ଯୁବକ ନୀରଦ ଦାଶଙ୍କୁ ଜଣାଇଥିଲେ। ନୀରଦ ଫୋନ୍ ଯୋଗେ ଜାଲ ନୋଟ୍ କାରବାର ର୍ୟାକେଟ୍‌ରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ଏହାପରେ ନୀରଦଙ୍କୁ ସେମାନେ ଟଙ୍କା ଦେଣନେଣ ପାଇଁ ଭଦ୍ରକର ନଳାଙ୍ଗ ଛକକୁ ଡକାଇଥିଲେ। ଏ ସଂକ୍ରାନ୍ତରେ ନିରୋଦ ବାସୁଦେବପୁର ଥାନାକୁ ଅବଗତ କରିବା ପରେ ପୋଲିସ ର୍ୟାକେଟକୁ ଧରିବା ପାଇଁ ଯୋଜନା କରିଥିଲା। ନିରୋଦ ନଳାଙ୍ଗରେ ପହଞ୍ଚି ନକଲି ନୋଟ୍ କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା ହେଉଥିବା ବେଳେ ପୋଲିସ ଚଢ଼ାଉ କରି ସେମାନଙ୍କୁ ଧରିବାରେ ସଫଳ ହୋଇଥିଲା। ଏହି ଘଟଣାର ଅଧିକ ତଦନ୍ତ ଚାଲିଛି।

# ନଟରାଜ କୁମାରୋତ୍ସବ



କାର୍ଯ୍ୟକ୍ରମରେ ଅତିଥି ଏବଂ ସମ୍ବର୍ଦ୍ଧିତ ହୋଇଥିବା ବ୍ୟକ୍ତିତ୍ୱମାନେ।

**ଢେଙ୍କାନାଳ ଅଫିସ, ୧।୧୧**

ଢେଙ୍କାନାଳ ନଟରାଜ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ରବିବାର ଅପରାହ୍ନରେ ଅନୁଷ୍ଠାନ ପରିସରରେ ଭର୍ଚୁଆଲ ମାଧମରେ ରବିବାର ୩୮ତମ ନଟରାଜ କୁମାରୋତ୍ସବ ପାଳିତ ହୋଇଯାଇଛି। ଏମ୍‌ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୋଗଦେଇ ପରମ୍ପରା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ କରୋନା ସଙ୍କଟ ଏଡ଼ାଇବାକୁ ସମସ୍ତେ ନିୟମ ମାନିବା ଚଳିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସଭାପତି କୃଷ୍ଣକୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଚିକିତ୍ସକ ଡା. ରାଜକିଶୋର ସେଠୀ, ଡା. ମୋନିକା ଦାଶ, ଡା. ଚନ୍ଦନ ମହାଳିକ, ଷ୍ଟାଫ୍ ନର୍ସ ଦ୍ରୌପଦୀ ରାଉତ, ସନ୍ଧ୍ୟାରାଣୀ ଦାସ, ଲାବୋରେଟୋରି ଟେକ୍ନିସିଆନ ସୁଶାନ୍ତ ପାଣି, ପୌର ଯନ୍ତ୍ରୀ ରଶ୍ମିତା ମିଶ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାନେତ୍ରୀ ପ୍ରୋତିମା ସିହ୍ନା ମଞ୍ଚାସୀନ ଥିବାବେଳେ ସତ୍ୟନାରାୟଣ କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରତିବର୍ଷ ଜାକ୍‌ଜମକର ସହ ନଟରାଜ କୁମାରୋତ୍ସବ ପାଳିତ ହେଉଥିଲା। ଚଳିତବର୍ଷ କରୋନା ଯୋଗୁ ନିରାଡମ୍ବର ପରିବେଶରେ କୋଭିଡ୍ କଟକଣା ଅନୁଯାୟୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ମଣ୍ଡପରେ ମହାମାୟା



ଢେଙ୍କାନାଳ ଲକ୍ଷ୍ମୀବଜାର।



ଜବାହର ଚୌକ୍।



କାଞ୍ଚନ ବଜାର।

## ସଂକ୍ଷେପରେ

### ଅନୁଗୋଳରେ ପଜିଟିଭ୍ ୯ ହଜାର ପାର୍

ଅନୁଗୋଳ ଅଫିସ, ୧।୧୧- ଅନୁଗୋଳ ଜିଲାରୁ ରବିବାର ୮୦ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୯ ହଜାର ୧୫ ହୋଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ବଣ୍ଟାରପାଳ ବ୍ଲକରୁ ୨୧, ଅନୁଗୋଳ ପୌରାଞ୍ଚଳରୁ ୧୪, ତାଳଚେର ବ୍ଲକରୁ ୧୨, ପାଲଲହଡ଼ା ବ୍ଲକରୁ ୯, କଣିହାଁ ବ୍ଲକରୁ ୮, ଆଠମଲ୍ଲିକ ବ୍ଲକରୁ ୪ ଓ ଏନ୍ଏସିରୁ ୪, ଛେଣ୍ଡିପଦା ବ୍ଲକରୁ ୪, ତାଳଚେର ପୌରାଞ୍ଚଳରୁ ୨ ଏବଂ ଅନୁଗୋଳ ବ୍ଲକରୁ ୨ଜଣ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ୧୨୦ ଜଣ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ପାଲଲହଡ଼ା, ୧।୧୧(ଡ.ଏନ.ଏ.)- ସ୍ଥାନୀୟ ମାଲ୍ୟଗିରି ମହାବିଦ୍ୟାଳୟ ପଛ ପାଖ ବସ୍ତି ନିକଟ ଜଙ୍ଗଲରେ ଶନିବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପାଲଲହଡା ଥାନା ନିଜିଗଡ଼ ପଞ୍ଚାୟତ ମହାନ୍ତ ସାହିର ଗୁଲୁ ମହାନ୍ତ (୩୫)। ଗୁଲୁ ରାତିରେ ତାଙ୍କ ଫାର୍ମ ହାଉସ ପାଖ ଜଙ୍ଗଲ ନିକଟ ଜମିରେ କାମ କରୁଥିବାବେଳେ ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ସକାଳୁ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ପାଲଲହଡା ପୋଲିସ ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଫିକାପଡ଼ିଲା କୁଲାଡ ଲକ୍ଷ୍ମୀପୂଜା



ବଣ୍ଟାରପାଳ, ୧।୧୧(ଡି.ଏନ.ଏ.)- ବଣ୍ଟାରପାଳ ବ୍ଲକ କୁଲାଡ ଲକ୍ଷ୍ମୀପୂଜା ଚଳିତ ବର୍ଷ ଫିକା ପଡିଛି। ସବୁବର୍ଷ ପରି ଚଳିତ ଥର ଗ୍ରାମ ସଜେଇ ହୋଇନି କି ତୋରଣ ମଧ ନିର୍ମାଣ କରାଯାଇଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସମ୍ପୂର୍ଣ୍ଣ ନିରାଡମ୍ବର ଭାବେ କେବଳ ବିଧି ଅନୁଯାୟୀ ପୂଜାର ଆୟୋଜନ ହୋଇଛି। ଚଳିତ ବର୍ଷ କୁଲାଡ଼ ଛକ, ବିଗପଣ୍ଡ, ଫ୍ରେଣ୍ଡସ କ୍ଲବ, ସାହାରା କ୍ଲବ, ପ୍ରିନ୍ସ କ୍ଲବ, ଆଲୁମିନିୟମ ହାଇସ୍କୁଲ ପୂଜା କମିଟି, ବ୍ରହ୍ମାଣୀ ଦେବୀ କ୍ଲବ, ବଣିକ ସଂଘ, ବାବାସ କ୍ଲବ ଆଦି ସ୍ଥାନରେ ଧନଦାତ୍ରୀ ପୂଜା ପାଉଛନ୍ତି।

### ଗାଡ଼ି ଧକ୍କାରେ ଯୁବକ ମୃତ

**କଣିହାଁ,୧।୧୧(ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ଥାନା ସମଲ ବ୍ୟାରେଜ ଟୋଲଗେଟ ନିକଟରେ ଶନିବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସମଲ ଗାଁର ରୋହିତ ସାମଲ (୪୦)। ରୋହିତ ସାଇକେଲରେ ଘରକୁ ଫେରୁଥିବା ସମୟରେ ଏକ ଗାଡି ଧକ୍କା ଦେଇ ପଳାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ତାଳଚେର ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ରବିବାର ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଦୁର୍ଘଟଣାର ତଦନ୍ତ ଚାଲିଥିବା ସମଲ ପୋଲିସ କହିଛି।

### ବ୍ରହ୍ମାୟଣୀଙ୍କ ଯାତ୍ରା ପାଳିତ



ବଣ୍ଟାରପାଳ, ୧।୧୧(ଡି.ଏନ.ଏ.)- ବଣ୍ଟାରପାଳ ବ୍ଲକ ଗୋତଗରା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବ୍ରହ୍ମାୟଣୀଙ୍କ ବାର୍ଷିକ ଯାତ୍ରା ଶନିବାର ପାଳନ କରାଯାଇଛି। ନିରାଡମ୍ବର ଭାବେ କେବଳ ନୀତିକାନ୍ତି ଅନୁଯାୟୀ ପୂଜା ହୋଇଛି। ଗ୍ରାମ ସଭାପତି ରଜନୀକାନ୍ତ ସିଂ, ସମ୍ପାଦକ ଦୟାନିଧି ବିଶ୍ୱାଳ, ଛବି ମୋହନ ସାହୁ, ସୁବାସ ପଟ୍ଟନାୟକ, ଉପେନ୍ଦ୍ର ସାମଲ, ଜଗବନ୍ଧୁ ବିଶ୍ୱାଳ, ରବି ନାରାୟଣ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ବାଟ ରୋକିଲା ହାଟ

- ପ୍ରଶାସନ ଢିଲା ମାରିବାରୁ ଅବ୍ୟବସ୍ଥା
- ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମ୍
- ଅସୁବିଧା ଭୋଗିଲେ ଲୋକେ, ଅଟକିଲା ଆମ୍ବୁଲାନ୍ସ

ଅନୁଗୋଳ ଅଫିସ, ୧।୧୧

ଭିଡ଼ ହେଲେ ସଂକ୍ରମଣ ବଢ଼ିବ। ସେଥିପାଇଁ ନିୟନ୍ତ୍ରିତ ବଜାର କମିଟି (ଆର୍ଏମ୍ସି) ଭିତରେ ହେଉଥିବା ହାଟକୁ ପ୍ରଶାସନ ବନ୍ଦ କରି ଅନୁଗୋଳ-କଟକ ରାସ୍ତାର କଲେଜ ଛକକୁ ସ୍ଥାନାନ୍ତର କଲା। କିନ୍ତୁ ରାସ୍ତା ପାର୍ଶ୍ୱରେ ବସୁଥିବା ଉକ୍ତ ହାଟରେ କିପରି ସାମାଜିକ ଦୂରତ୍ୱ ବଜାୟ ରହିବ ଓ ଯାତାୟାତରେ ଅସୁବିଧା ହେବନାହିଁ ସେଥିପ୍ରତି ଆଖିବୁଜି ଦେଲା ପ୍ରଶାସନ। ଫଳରେ ରବିବାର ଉକ୍ତ ହାଟରେ ଭିଡ଼ ଏପରି ଅନିୟନ୍ତ୍ରିତ ହୋଇଗଲା ଯେ ଅନୁଗୋଳ-କଟକ ରାସ୍ତାରେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମ୍ ଅବସ୍ଥା ସୃଷ୍ଟି ହେଲା। ଜରୁରୀ କାର୍ଯ୍ୟରେ ଯାଉଥିବା ଲୋକେ ଆଗକୁ ବଢ଼ିବାକୁ ବାଟ ମଧ ପାଇଲେ ନାହିଁ। ଏପରି କି ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସ ବି ଭିଡ଼ରେ ଫସିଯାଇଥିବା ଦେଖାଯାଇଥିଲା। ଏହାକୁ ନେଇ ଯାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା।




ଅନୁଗୋଳ-କଟକ ରାସ୍ତାର କଲେଜ ଛକଠାରେ ଜାମ୍ ହୋଇଛି।

ଅନୁଗୋଳରେ କରୋନା କାୟା ବିସ୍ତାର କରିବା ପରେ ସାପ୍ତାହିକ ଓ ଦୈନିକ ହାଟ ଉପରେ କଟକଣା ଲଗାଯାଇଥିଲା। କିଛି ଦିନ ବନ୍ଦ ରଖାଯିବା ପରେ ଏହାକୁ ବିଭିନ୍ନ ସ୍ଥାନରେ ଥିବା ଖୋଲା ପଡ଼ିଆକୁ ସ୍ଥାନାନ୍ତର କରାଗଲା। ପୋଲିସ ଉପସ୍ଥିତିରେ ମଧ କେତେଦିନ କିଣାବିକା ଚାଲିଲା। ତଥାପି ଭିଡ଼ ହେବାରୁ ହାଟ ଅନୁଗୋଳ ଷ୍ଟାଡିୟମରେ ବସିବ ବୋଲି ପ୍ରଶାସନ ସ୍ଥିର କଲା। ସେଠାରେ ମଧ ସାମାଜିକ ଦୂରତ୍ୱ ଉପରେ ପୋଲିସ ନଜର ରଖିଲା। କିନ୍ତୁ ଗତ ଅକ୍ଟୋବର ୪ ତାରିଖରେ ଆର୍ଏମ୍ସି ସମ୍ମୁଖରେ ହାଟ ବସିବ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଏଥିସହ ଅନୁଗୋଳ-କଟକ ରାସ୍ତାର କଲେଜ ଛକରେ ସାପ୍ତାହିକ ହାଟ ବସିଲା। ତେବେ କାର୍ତ୍ତିକ ମାସ ଆରମ୍ଭରୁ ଏହି ରବିବାରିଆ ହାଟରେ ହଠାତ୍ ସକାଳୁ ଭିଡ଼ ବଢ଼ିଯାଇଥିଲା। ଏହାକୁ ନିୟନ୍ତ୍ରଣ କରିବାକୁ ପୋଲିସ କି ପ୍ରଶାସନ ଗଠନ କରିଥିବା ଏନ୍ଫୋର୍ସମେଣ୍ଟ ସ୍କ୍ୱାଡ୍ କେହି ବି ନ ଥିଲା। ତେଣୁ ବ୍ୟବସାୟୀମାନେ ଯେଉଁଠି ପାରିଲେ ପସରା ମେଲାଇଦେଲେ। ପରିବା ନେବାକୁ ଆସିଥିବା ଖାଉଟି ମଧ ମଧ ଅମାନିଆ ହୋଇ ବାଇକ୍, ସାଇକେଲ ରାସ୍ତା ଉପରେ ରଖିବା ସହ ଭିଡ଼ ବଢ଼ାଇ ଦେଲେ। ଫଳରେ ଅବ୍ୟବସ୍ଥା ଏପରି ବଢ଼ିଗଲା ଯେ ଉକ୍ତ ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡ଼ିଲା। ଉଭୟ ପାର୍ଶ୍ୱରେ ଗାଡ଼ିର ଲମ୍ବା ଲାଇନ୍ ଲାଗିଗଲା। ଭିଡ଼ରେ ଫସି ଲୋକେ କଳବଳ ହେଉଥିବା ବେଳେ ଅନୁଗୋଳ ମେଡିକାଲରୁ ରୋଗୀଙ୍କୁ ନେଇ କଟକ ଯାଉଥିବା ଆମ୍ବୁଲାନ୍ସକୁ ମଧ କିଛି ସମୟ ଧରି ବାଟ ମିଳି ନ ଥିଲା। ଶୀତଋତୁ ଆସିଯାଇଥିବାରୁ ପ୍ରଶାସନ ବାରମ୍ବାର ଅଧିକ ସତର୍କ ରହିବାକୁ ଲୋକଙ୍କୁ କହୁଥିବାବେଳେ ଭିଡ଼ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆ ନ ଯିବା ସହରବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି।

**ସନ୍ଧ୍ୟାରେ ଖୋଲାଯାଉଛି ହାଟ**



ସରକାରଙ୍କ ନିର୍ଦ୍ଦେଶ ପରେ ଆର୍ଏମ୍ସିର ସମସ୍ତ ହାଟ ବନ୍ଦ ରହିଛି। ତେବେ ଅନୁଗୋଳ ଷ୍ଟାଡିୟମରୁ ଗତ ଅକ୍ଟୋବର ୪ରୁ ହାଟ ଆର୍ଏମ୍ସି ସମ୍ମୁଖକୁ ସ୍ଥାନାନ୍ତର ହୋଇଛି। ତେଣୁ ହାଟ ଆର୍ଏମ୍ସି ଅଧୀନରେ ନାହିଁ। ଏହାକୁ ପୌରପାଳିକା ନିୟନ୍ତ୍ରଣ କରୁଛି।

**- ଶମ୍ଭୁନାଥ ନାୟକ, ଆର୍ଏମ୍ସି ସମ୍ପାଦକ**

**ଆମ୍ବୁଲାନ୍ସ ଅଟକିଯିବା ଚିନ୍ତାର ବିଷୟ**



ଅନୁଗୋଳରୁ ରୋଗୀ ନେଇ କଟକ ଯାଉଥିବା ଆମ୍ବୁଲାନ୍ସ ଭିଡ଼ରେ ଅଟକି ରହିବା ନିଶ୍ଚିତ ଚିନ୍ତାର ବିଷୟ। ଯଦି ସମ୍ପୃକ୍ତ ରୋଗୀଙ୍କର କିଛି ଅସୁବିଧା ହୋଇଥାନ୍ତା ତା'ହେଲେ ଏଥିପାଇଁ କିଏ ଦାୟୀ ରହିଥାନ୍ତା। ପ୍ରଶାସନ ଆଗାମୀ ଦିନ ପାଇଁ ସତର୍କ ରହିବା ଜରୁରୀ।

**- ପ୍ରତାପ ମାଝି, ଅନୁଗୋଳବାସୀ**

**ଏନ୍ଫୋର୍ସମେଣ୍ଟ ଟିମ୍ ଗଲା କୁଆଡ଼େ**



ହାଟ, ବଜାରରେ ଅମାନିଆ ହେଉଥିବା ଲୋକମାନଙ୍କଠାରୁ ଜରିମାନା ଆଦାୟ ପାଇଁ ପ୍ରଶାସନ ଏନ୍ଫୋର୍ସମେଣ୍ଟ ଟିମ୍ ଗଠନ କରିଛି। ହେଲେ ରବିବାର ରାସ୍ତା ଉପରେ ଏତେ ଭିଡ଼ ହୋଇଥିଲେ ମଧ ପୋଲିସ କି ଏନ୍ଫୋର୍ସମେଣ୍ଟ ସ୍କ୍ୱାଡ୍ର ଦେଖା ମିଳିଲା ନାହିଁ।

**- ରଶ୍ମିରଞ୍ଜନ ସାହୁ, ଅନୁଗୋଳବାସୀ**

**ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯିବ**



ରବିବାର ହାଟ ରାସ୍ତା କଡ଼ରେ ବସୁଥିବାରୁ ପୌରପାଳିକା କେବଳ ଟିକସ ଆଦାୟ କରୁଛି। ହାଟ କେଉଁଠି ହେବ କି ନାହିଁ, ତାହା ଉପରେ ପୌର ଅଧିକାରୀଙ୍କ କର୍ତ୍ତୃତ୍ୱ ନାହିଁ। ଆଗକୁ କିପରି ଗହଳି ହେବ ନାହିଁ ସେଥିପ୍ରତି ଦୃଷ୍ଟି ଦିଆଯିବ। ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯିବ।

**- ବିନୋଦ ଚନ୍ଦ୍ର ପଣ୍ଡା, ପୌର ନିର୍ବାହୀ ଅଧିକାରୀ**

## ନାଲ୍କୋ ଇଡି ଦାୟିତ୍ୱ ନେଲେ ଅମ୍ବିକା ପ୍ରସାଦ



ନୂତନ ନିର୍ବାହୀ ନିର୍ଦ୍ଦେଶକ ଭାବେ ଅମ୍ବିକା ପ୍ରସାଦ ପଣ୍ଡା ଦାୟିତ୍ୱ ଗ୍ରହଣ କରୁଛନ୍ତି।

ବଣ୍ଟାରପାଳ, ୧।୧୧(ଡି.ଏନ.ଏ.)

ନାଲ୍କୋ ସ୍ମେଲଟର ଓ ପାୱାର ପ୍ଲାଣ୍ଟର ନୂତନ ନିର୍ବାହୀ ନିର୍ଦ୍ଦେଶକ(ଇଡି) ଭାବେ ଅମ୍ବିକା ପ୍ରସାଦ ପଣ୍ଡା ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ସିପିପିର ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ସିପିପିର ନୂତନ ମହାପ୍ରବନ୍ଧକ ଭାବେ ସରୋଜ ମିଶ୍ର, ଓଆଣ୍ଡ ଏମଜିଏମ୍ ଭାବେ ସୁଧୀର ପଟ୍ଟନାୟକଙ୍କୁ ନିଯୁକ୍ତି ମିଳିଛି। ଏହି ଅଧିକାରୀମାନଙ୍କୁ ସିପିପି ପ୍ରଶାସନିକ କାର୍ଯ୍ୟାଳୟରେ ଶୁଭେଚ୍ଛା ଜଣାଯାଇଛି। ଶ୍ରମିକ ନେତା ବିଭବ ଜେନା, କର୍ମଚାରୀ ଶୁଭ୍ରାଂଶୁ ବେହେରା, ପି. କେ. ମିଶ୍ର, ଶରତ ସେଠୀ, ବିଜୟ ଦାସ, କୃଷ୍ଣ ବେହେରା, ରବୀନ୍ଦ୍ର ଓଝା, ଅରୁଣ ମହାନ୍ତି, ସନ୍ଦୀପ ଘାଣ୍ଟି, ଶରତ ପ୍ରଧାନ, ସୁନନ୍ଦା ମହାନ୍ତି, ଟି.ଏନ. ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନାଲ୍କୋ ଶ୍ରମିକ କଂଗ୍ରେସ ୟୁନିୟନର ସାଧାରଣ ସମ୍ପାଦକ ପରେଶ ଚନ୍ଦ୍ର ଜେନା, କାର୍ଯ୍ୟକାରୀ ସଭାପତି ସୁଜିତ ସେଠ, ଉପସଭାପତି ପ୍ରଣବ ଜେନା, ଏସ୍. କେ. ମହାରଣା, ନେସ୍ ସାଧାରଣ ସମ୍ପାଦକ ନିର୍ମଳ ସାମଲ, ଆଲୁମିନିୟମ ମଜଦୁର ସଂଘର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ବେହେରା, ବିଦ୍ୟୁତ୍ ମଜଦୁର ସଂଘ ସାଧାରଣ ସମ୍ପାଦକ ମନୋଜ ଅମାନ୍ତ ଓ ନେପୁ ସାଧାରଣ ସମ୍ପାଦକ ବୈରାଗୀ ସେଠ ଓ ଏନକେଏସ୍ର ଶ୍ରୀକାନ୍ତ ପ୍ରଧାନ ପ୍ରମୁଖ ନୂତନ ଇଡିଙ୍କୁ ସ୍ୱାଗତ କରିଥିଲେ। ନାଲ୍କୋ ଅଫିସର ଆସୋସିଏଶନ ପକ୍ଷରୁ ସଭାପତି ପ୍ରଶ୍ନ କୁମାର ମଲିକ, ସାଧାରଣ ସମ୍ପାଦକ ନଳିନୀକାନ୍ତ ପଣ୍ଡା, ବନମାଳୀ ସେଠୀ ଓ କେ.କେ. ବେହେରା ପ୍ରମୁଖ ଅଭିନନ୍ଦନ ଜଣାଇଥିଲେ।

## ୬୪ ଆକ୍ରାନ୍ତ, ୪୬ ସୁସ୍ଥ

ଢେଙ୍କାନାଳ ଅଫିସ, ୧।୧୧

ଢେଙ୍କାନାଳ ଜିଲାରୁ ରବିବାର ୬୪ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୪୬ ଆରୋଗ୍ୟ ହୋଇଛନ୍ତି। ଏହାକୁ ମିଶାଇ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୫୧୫୫ ଏବଂ ସୁସ୍ଥଙ୍କ ସଂଖ୍ୟା ୪୮୦୧ ହୋଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକ ଏବଂ ଏନ୍ଏସିରୁ ୩୯, ହିନ୍ଦୋଳ ବ୍ଲକର ୬, କଙ୍କଡ଼ାହାଡ଼ ବ୍ଲକର ୫, ପରଜଙ୍ଗ ବ୍ଲକର ୫, ସଦର ବ୍ଲକର ୪, ଓଡ଼ାପଡ଼ା ବ୍ଲକର ୩ ଏବଂ ଢେଙ୍କାନାଳ ପୌରାଞ୍ଚଳ ୨ଜଣ ଅଛନ୍ତି। ସମସ୍ତଙ୍କୁ କୋଭିଡ୍ ହସ୍ପିଟାଲ ସମେତ ବିଭିନ୍ନ ବ୍ଲକରେ ଥିବା କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ମନ୍ଦିର ପାଇଁ ଜମି ଚିହ୍ନଟ



ଜମି ଚିହ୍ନଟବେଳେ ଉପସ୍ଥିତ ଗ୍ରାମବାସୀ।

ବଇଣ୍ଡା, ୧।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା ରାଧାକୃଷ୍ଣ ମନ୍ଦିର ୫୫ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣରେ ଭଙ୍ଗାଯାଇଥିବାବେଳେ ନୂତନ ଭାବେ ନିର୍ମାଣ ପାଇଁ ରବିବାର ଜାଗା ଚିହ୍ନଟ କରାଯାଇଛି। ପୂର୍ବତନ ସରପଞ୍ଚ ତ୍ରିଲୋଚନ ସାହୁ ସାପ୍ତାହିକ ହାଟ ପଡିଆଠାରେ ତାଙ୍କର ଥିବା ନୁନୁକାପଶି ମୌଜା ପ୍ଲଟ ନଂ. ୧୧୧୦ରୁ ୪ ଡିସିମିଲି ଜମି ମନ୍ଦିର ନିର୍ମାଣ ପାଇଁ ପ୍ରଦାନ କରିଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ବଇଣ୍ଡା ଗ୍ରାମବାସୀଙ୍କ ଉପସ୍ଥିତିରେ ଜାଗା ଚିହ୍ନଟ କରାଯାଇଥିଲା। ହିମିତିରା ରାଜସ୍ୱ ଅଧିକାରୀ ସିରିଶ କୁମାର ଧଳସାମନ୍ତ, ବଇଣ୍ଡା ରାଜସ୍ୱ ଅଧିକାରୀ ବାମଦେବ ପ୍ରଧାନ, ଅମିନ ସାହୁ, ନୁନୁକାପଶି ସରପଞ୍ଚ ଜଳଧର ସାହୁ, ବଇଣ୍ଡା ଛକ ବିକାଶ ପରିଷଦର ସମ୍ପାଦକ ଜିତେନ୍ଦ୍ର ବେହେରା, ରମେଶ ଟିବ୍ରୁୱାଲା, ଅରବିନ୍ଦ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ମାସରେ ଭୂମି ପୂଜନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

## ନମ୍ବର ଲାଗୁନି, ଅସନ୍ତୋଷ

ଅନୁଗୋଳ ଅଫିସ, ୧।୧୧–

ସରକାରୀ ଡାକ୍ତରଖାନାରେ ବିନାମୂଲ୍ୟରେ ସମସ୍ତ ପ୍ରକାର ଚିକିତ୍ସା ସେବା ମିଳୁଛି। କୌଣସି କର୍ମଚାରୀ କିମ୍ବା ବ୍ୟକ୍ତି ବିନା ରସିଦ୍ରେ ଅର୍ଥ ଦାବିକଲେ ଉପରିସ୍ଥ ଅଧିକାରଙ୍କ ମୋବାଇଲ ନମ୍ବରରେ ଅଭିଯୋଗ କରିବାକୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ କାନ୍ଥରେ ସ୍ପଷ୍ଟ ଭାବେ ଲେଖାଯାଇଛି। ଗୋଟିଏ ନମ୍ବର ଏଡିଏମ୍ଓ (ଜନସ୍ୱାସ୍ଥ୍ୟ)ଙ୍କର ହୋଇଥିବାବେଳେ ଅନ୍ୟଟି ଏଡିଏମ୍ଓ(ମେଡିକାଲ)ଙ୍କ ରହିଛି। ହେଲେ ଉକ୍ତ ନମ୍ବରରେ ଫୋନ୍ କଲେ ତାହା ଲାଗୁନାହିଁ। ଏହାକୁ ନେଇ ରୋଗୀ ଓ ସମ୍ପର୍କୀୟ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅଭୟ କୁମାର ଦାଶଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଗଲେ ମଧ ପଦକ୍ଷେପ ନିଆଯାଉ ନ ଥିବା ରୋଗୀମାନେ କହିଛନ୍ତି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, କାହିଁକି ଉକ୍ତ ଫୋନ୍ ବନ୍ଦ ରହିଛି ସେ ନେଇ ଜବାବ ମଗାଯିବ। ଏ ନେଇ ଏଡିଏମ୍ଓ ମହାନ୍ତିଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ପାରିବାରୁ ମତାମତ ମିଳିପାରି ନାହିଁ।

## ଶିଳ୍ପ ପାର୍କ ପ୍ରତିଷ୍ଠାକୁ ବିରୋଧ



ଜୀବନ ଜୀବିକା ଓ ଜମି ସୁରକ୍ଷା କମିଟି ପକ୍ଷରୁ ବୈଠକ।

ବଇଣ୍ଡା, ୧।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ଜଏରାଟଠାରେ ଶିଳ୍ପ ପାର୍କ ପ୍ରତିଷ୍ଠା ପ୍ରସ୍ତାବକୁ ଜୀବନ ଜୀବିକା ଓ ଜମି ସୁରକ୍ଷା କମିଟି ପକ୍ଷରୁ ବିରୋଧ କରାଯାଇଛି। ଏହାକୁ ନେଇ ଆସନ୍ତା ୧୭ ତାରିଖରେ ଆନ୍ଦୋଳନ କରିବାକୁ ଜଏରାଟଠାରେ ଅନୁଷ୍ଠିତ ଏକ ବୈଠକରେ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। କମିଟି ସଭାପତି ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅନନ୍ତ ଚରଣ ପ୍ରଧାନ, ଦୁର୍ଯ୍ୟୋଧନ ସାହୁ, ପୂର୍ବତନ ସରପଞ୍ଚ ଜଳଧର ସାହୁ, ପୀତାମ୍ବର ପ୍ରଧାନ, ରବୀନ୍ଦ୍ର ସାହୁ, ବସନ୍ତ ପ୍ରଧାନଙ୍କ ସମେତ ଅଞ୍ଚଳବାସୀ ଯୋଗ ଦେଇଥିଲେ। ଅଧିକାଂଶ ଲୋକ ଚାଷ କରି ଏଠାରେ ଜୀବିକା ନିର୍ବାହ କରୁଛନ୍ତି। ଏଥିପାଇଁ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯିବାକୁ ବହୁବାର ଦାବି ହୋଇ ଆସୁଥିବାବେଳେ ତାହା କରା ନ ଯାଇ ଶିଳ୍ପ ପାର୍କ ପ୍ରତିଷ୍ଠା ପ୍ରସ୍ତାବକୁ ବୈଠକରେ ବିରୋଧ କରାଯାଇଥିଲା।

## ୩ ବାଇକ୍ ଉପରେ ମାଡ଼ିଗଲା ଟ୍ରକ୍

ଅନୁଗୋଳ ଅଫିସ, ୧।୧୧

ଅନୁଗୋଳ ସହର ହୁଲୁରୁସିଂହା ଛକରୁ ରବିବାର ସନ୍ଧ୍ୟାରେ ଯାଉଥିବା ଏକ ଟ୍ରକ୍ ସିରିଜ ଦୁର୍ଘଟଣା ଘଟାଇଛି। ଘଟଣାରୁ ଜଣାପଡିଛି, ଟ୍ରକ୍(ନଂ. ଓଡି ୦୫ ପି ୩୧୯୯) ସହର ଅଭିମୁଖେ ଆସୁଥିବାବେଳେ ଜାତୀୟ ରାଜପଥରୁ ବସ୍ଷ୍ଟାଣ୍ଡକୁ ପଶିଯାଇଥିଲା। ପରେ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ ବୁଲାଣିରେ ଥିବା ଏକ ବାଇକ୍ ଉପରେ ମାଡ଼ି ଯାଇଥିଲା। ସେଠାରେ ଟ୍ରକ୍ ଚାଳକ ହଣ୍ଡପା ଥାନା ଅଞ୍ଚଳର ବାବୁଲି ଦେହୁରୀ ଗାଡ଼ିରୁ ଡେଇଁ ଖସି ଯିବାକୁ ଚେଷ୍ଟା କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିଥିଲେ। ଏହି ସମୟରେ ଟ୍ରକ୍ଟି ଗଡି ଆଉ ଦୁଇଟି ବାଇକ୍ ଉପରେ ଚଢ଼ି ଯାଇଥିଲା। ଏଥିସହ ଏକ ବିଦ୍ୟୁତ୍ ଖୁଣ୍ଟକୁ ମଧ ଧକ୍କା ଦେଇଥିଲା। ଏଥିଯୋଗୁ ଅମଲାପଡ଼ା ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଟ୍ରକ୍ ଡ୍ରାଇଭର ହୁଲୁରୁସିଂହାରେ ମଧ ଦୁର୍ଘଟଣା ଘଟାଇଥିବା ଜଣାପଡିଛି। ଖବରଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ହୋଇ ନ ଥିବାବେଳେ ପୋଲିସ ତଦନ୍ତ ଚଳାଇଛି। ଚାଳକଙ୍କୁ ଉଦ୍ଧାର କରି ପୋଲିସ ମେଡିକାଲକୁ ନେଇଛି।



ଅମଲାପଡ଼ାସ୍ଥିତ ଏକ ଦୋକାନ ଭିତରକୁ ଟ୍ରକ୍ ପଶିଯାଇଛି।

## ବିଜୁ ମଇଦାନରେ ସେଲ୍ଫି କର୍ନର

- ଗୋପବନ୍ଧୁ ପାର୍କର ହେବ ନବକଳେବର
- ପ୍ରଶସ୍ତ ହେବ ରାଜା ଛକ
- ବୁଲି ଦେଖିଲେ ଜିଲାପାଳ, ଅଧିକାରୀ

ଅନୁଗୋଳ ଅଫିସ, ୧।୧୧

ଅନୁଗୋଳ ସହରର ହେବ ସୌନ୍ଦର୍ଯ୍ୟକରଣ। ଆସନ୍ତା ୧୫ ଦିନ ମଧ୍ୟରେ ଏହି କାର୍ଯ୍ୟ ଆରମ୍ଭ ହେବ। ଏ ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ସରିଛି। ରବିବାର ଜିଲାପାଳ ଓ ବିଭାଗୀୟ ଅଧିକାରୀ ସହର ପରିଦର୍ଶନ କରି କେଉଁ ସ୍ଥାନରେ କିପରି କାର୍ଯ୍ୟ କରାଯିବ ତାହାର ଅନୁଧ୍ୟାନ କରିଛନ୍ତି। ବିଜୁ ମଇଦାନ ଠାରେ ଯୁବପିଢ଼ିଙ୍କ ପାଇଁ ସେଲ୍ଫି ପଏଣ୍ଟ କରାଯିବ ବୋଲି ସୂଚନା ମିଳିଛି।

ପୂର୍ବାହ୍ନରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଡେପୁଟି କଲେକ୍ଟର ବଇତୁରା ଦୀପ, ପୂର୍ତ୍ତ ବିଭାଗ ଅଧିକାରୀ ଓ କର୍ମଚାରୀ, ପୌରପାଳିକା ନିର୍ବାହୀ ଯନ୍ତ୍ରୀ ସୀମାଞ୍ଚଳ ମିଶ୍ର ଏବଂ କର୍ମଚାରୀମାନେ ସହର ପରିଦର୍ଶନ କରିଥିଲେ। ଜିଲାପାଳ ପ୍ରଥମେ ସଭାଘର ପରିଦର୍ଶନରେ ଯାଇଥିଲେ। ସଭାଘର ଭିତର କାର୍ଯ୍ୟ ସରିଥିବାବେଳେ ମୁଖ୍ୟ ଫାଟକ ଓ ପାଚେରି କାର୍ଯ୍ୟ ଦୁଇ ମାସ ମଧ୍ୟରେ ଶେଷ କରିବାକୁ କହିଥିଲେ।



ଜିଲାପାଳ ଓ ଅଧିକାରୀମାନେ ଉନ୍ନତିମୂଳକ କାର୍ଯ୍ୟ ତଦାରଖ କରୁଛନ୍ତି।

ସେହିପରି ସଭାଘର ତଳ ପାର୍କିଂ ସ୍ଥାନରେ ଦୋକାନ ଘର ନ କରି ଛୋଟ ମ୍ୟୁଜିୟମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉପରେ ଦୋକାନ ଘର ସ୍ଥାନରେ କଫି ସେଣ୍ଟର ଓ ବଡ଼ ହଲ୍ କରିବାକୁ କହିଥିଲେ। ସେହିପରି ଗୋପବନ୍ଧୁ ପାର୍କର ନବକଳେବର ସହ ଭୁବନେଶ୍ୱରର ସାଇନ୍ସ ପାର୍କ ଭଳି କରାଯିବ। ରାଜା ଛକର ପ୍ରସସ୍ତୀକରଣ ସହ ଆଲୋକୀକରଣ କରାଯିବ। ଜଗନ୍ନାଥ ମନ୍ଦିରରୁ ବିଇଡି ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଷ୍ଟ୍ରିଟ୍ ଫୁଡ୍ ଷ୍ଟଲ୍ ଖୋଲାଯିବ। ମିଶ୍ରପଡ଼ା ଛକରୁ ହରିମହୁରୀ ଛକ ରାସ୍ତା ପାର୍ଶ୍ୱ ଭେଣ୍ଡିଂ ଜୋନ୍ କରାଯିବ। ବିଜୁ ମଇଦାନର ସମ୍ପୂର୍ଣ୍ଣ ସୌନ୍ଦର୍ଯ୍ୟକରଣ କରାଯିବ। ସେଠାରେ ସେଲ୍ଫି କର୍ନର ସହ କଳାକେନ୍ଦ୍ର ଯାଏ ଚଲାପଥ କରାଯିବ। ଷ୍ଟାଡିୟମ ପାଚେରିରୁ ସଭାଘର ଓ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଥିବା ଜବରଦଖଲକୁ ଉଚ୍ଛେଦ କରିବାକୁ ଜିଲାପାଳ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ୫୫ ନମ୍ବର ଜାତୀୟ ରାଜପଥର ଜିଲା ପ୍ରବେଶ ସ୍ଥାନରେ ଏକ ବଡ଼ ଗେଟ୍ କରାଯିବ। ସେଠାରୁ ହେବାକୁ ଥିବା ଦୁଇଟି ରାସ୍ତାରୁ ଗୋଟିଏ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ଓ ଅନ୍ୟଟି ଅନୁଗୋଳ ବନଖଣ୍ଡ କାର୍ଯ୍ୟାଳୟକୁ ସଂଯୋଗ କରିବ ବୋଲି ଜିଲାପାଳ ସ୍ୱାଇଁ କହିଛନ୍ତି।

